# ଆରମ୍ଭରୁ ଝୁଣ୍ଟିଲାଣି ଚାଷୀ ପଞ୍ଜିକରଣ; ବଢୁଛି ଅସନ୍ତୋଷ

ଧରାକୋଟ,୨୨।୭(ସମିସ)



କୃଷି ଓ କୃଷକର ବିକାଶ ସହ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାକୁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଗତବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଯୋଗୁ ଚାଷୀକୂଳ ବେଶ ଉତ୍ସାହିତ ହୋଇ ଚଳିତବର୍ଷ ଅଧିକ ପରିମାଣରେ ଧାନ ଚାଷ ପାଇଁ ଆଗକୁ ବଢ଼ିଥିଲେ। ସମ୍ପ୍ରତି ରୁଆ କାର୍ଯ୍ୟ ଜୋର୍‌ସୋରରେ ଚାଲିଥିବା ବେଳେ ସରକାରଙ୍କ ତରଫରୁ ଜୁଲାଇ ୨୦ରୁ ଅଗଷ୍ଟ ୨୦ ପର୍ଯ୍ୟନ୍ତ ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିବାକୁ ଚାଷୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଅନୁଯାୟୀ ଧରାକୋଟ ବ୍ଲକର ୧୫ଟି ସେବା ସମବାୟ ସମିତି ଓ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାର ନୋଡ଼ାଲ ଅଫିସର ଭାବରେ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଦାୟିତ୍ୱରେ ରହିଛନ୍ତି। ହେଲେ ଆରମ୍ଭରୁ ସିଷ୍ଟମରେ ବିଳମ୍ବ ଘଟୁଥିବାରୁ ସୂଚାରୁ ରୂପେ ପଞ୍ଜିକରଣ ହୋଇପାରୁନାହିଁ। ଭୁଲେଖରୁ ତଥ୍ୟ ମିଳିବାରେ ବିଳମ୍ବ ହେଉଥିବା ବେଳେ ଗତବର୍ଷ ଭଳି ସଂରକ୍ଷିତ ବାଛିବା ପ୍ରକ୍ରିୟା ଚଳିତ ବର୍ଷ ନାହିଁ। ଏଣୁ ଆଖି ସ୍କାନ ପରେ ସମସ୍ତ ଜମିର ବିବରଣୀ ତୁରନ୍ତ ଅପଲୋଡ ହେଉନାହିଁ। ଫଳରେ ଚାଷୀକୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ରୁଆ ବେଉଷଣ କାର୍ଯ୍ୟରେ ଚାଷୀମାନେ ବ୍ୟସ୍ତ ରହିଥିବା ବେଳେ ପଞ୍ଜିକରଣରେ ବିଳମ୍ବ ଓ ସମସ୍ୟା ଦେଖା ଦେଉଥିବା ଯୋଗୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢିବାରେ ଲାଗିଛି। ସଂରକ୍ଷଣ ଓ ସଂଯୋଗ ବାଛିବା ପ୍ରକ୍ରିୟାକୁ ପଞ୍ଜିକରଣରେ ଯୋଗ କରାଯିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏହା ସମ୍ପର୍କରେ ନୋଡାଲ ଅଧିକାରୀ ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଜିଲ୍ଲାସ୍ତରକୁ ମୁଁ ଜଣାଉଛି ଏବଂ ଖୁବ୍‌ଶୀଘ୍ର ଏହା ସର୍ଟଆଉଟ ହୋଇଯିବ ବୋଲି ପ୍ରକାଶ କରିଛନ୍ତି। ଗତବର୍ଷ ପ୍ରାୟ ୭ ହଜାରରୁ ଅଧିକ ଚାଷୀ ମଣ୍ଡି ପାଇଁ ନିଜ ନିଜର ପଞ୍ଜିକରଣ କରିଥିବା ବେଳେ ଧାନର ଏମଏସ୍‌ପି ବୃଦ୍ଧି ଯୋଗୁ ଚଳିତବର୍ଷ ଅଧିକ ଚାଷୀ ପଞ୍ଜିକରଣ କରିବେ ବୋଲି ଆଶା କରାଯାଉଥିଲା ହେଲେ ତାହା ବିଫଳ ହେବାରେ ଲାଗିଛି। ଅନ୍ୟ ପକ୍ଷରେ ପଞ୍ଜିକରଣ ହୋଇନପରିବା ଆଶଙ୍କାରେ ଚାଷୀମାନେ ଆଶା ଆଶଙ୍କାରେ ଦିନ କାଟୁଛନ୍ତି।

## ଦେଶୀମଦ ସହ ୨ ବନ୍ଧୁକ ଜବତ; ଜଣେ ଗିରଫ

ଦିଗପହଣ୍ଡି,୨୨।୭(ସମିସ): ମଙ୍ଗଳବାର ଭୋର ପ୍ରାୟ ୬ଟାରେ ଚୋରା ମଦ ଧରପଗଡ଼ ପାଇଁ ଦିଗପହଣ୍ଡି ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ ମହୁଡା ଗ୍ରାମ ନିକଟସ୍ଥ କେରାଣ୍ଡିମାଳ ପର୍ବତ ସଂଲଗ୍ନ ଲୁଣ୍ଠୁରିଗୁଡା ଗ୍ରାମରେ ଅତର୍କିତ ଚଢ଼ଉ କରାଯାଇଥିଲା। ଏହି ସମୟରେ ପୁଲିସ ଗ୍ରାମର ସୁରେନ୍ଦ୍ର ମଲ୍ଲିକ ନାମକ ଜଣେ ଯୁବକଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୪୦ ଲିଟର ଦେଶୀ ରନ୍ଧାମଦ ଏବଂ ବନ୍ୟଜନ୍ତୁ ଶିକାର ନିମନ୍ତେ ବ୍ୟବହାର କରୁଥିବା ୨ଟି ଦେଶୀ ବନ୍ଧୁକ ଜବତ କରିଛି।



ଦୀର୍ଘଦିନ ଧରି ଉକ୍ତ ପାହାଡ଼ିଆ ଜଙ୍ଗଲରେ ସୁରେନ୍ଦ୍ର ମଦ ପ୍ରସ୍ତୁତ କରି ବିଭିନ୍ନ ଗ୍ରାମକୁ ବେଆଇନ ଭାବେ ଯୋଗାଇ ଆସୁଥିବା ପୁଲିସ ଏବଂ ଅବକାରୀ ବିଭାଗକୁ ଖବର ମିଳିଥିଲା। ମଙ୍ଗଳବାର ଭୋରରୁ ଏହି ଜଙ୍ଗଲର ଲୁଣ୍ଠୁରିଗୁଡା ଗ୍ରାମରେ ଚଢ଼ଉ କରାଯାଇ ସୁରେନ୍ଦ୍ରଙ୍କୁ କାବୁ କରାଯାଇଥିଲା। ସୁରେନ୍ଦ୍ରଙ୍କ ଘର ନିକଟସ୍ଥ ଏକ ବୁଦା ମୂଳରେ ଲୁଚାଇ ରଖାଯାଇଥିବା ଦେଶୀମଦ ଏବଂ ବନ୍ଧୁକ ଜବତ କରିଥିଲା। ତେବେ ଅଭିଯୁକ୍ତ ଜଣକ ଏହି ବନ୍ଧୁକ ଶିକାର ନିମନ୍ତେ ଗଜପତି ଜିଲ୍ଲା ମୋହନାରୁ କିଣିଥିବା ପୁଲିସ ନିକଟରେ କହିଛନ୍ତି। ଅପରାହ୍ନରେ ଦିଗପହଣ୍ଡି ପୁଲିସ ଏଏସଆଇ ମନୋଜ ସିଂଙ୍କ ଏତଲା କ୍ରମେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ତେବେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

## ଉଦ୍ଧାର ଚୋରି ବାଇକ୍ ମାଲିକଙ୍କୁ ହସ୍ତାନ୍ତର କଲା ପୁଲିସ



ବ୍ରହ୍ମପୁର,୨୨।୭(ସମିସ): ବାଇକ ଚୋରଙ୍କ ଠାରୁ ଉଦ୍ଧାର ହୋଇଥିବା ୧୦ଟି ମୋଟର ସାଇକେଲ ମଧ୍ୟରୁ ୮ଟି ବାଇକ ଓ ସ୍କୁଟିକୁ ମଙ୍ଗଳବାର ପୁଲିସ ଏହାର ପ୍ରକୃତ ମାଲିକକୁ ହସ୍ତାନ୍ତର କରିଛି। ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଇକ ଓ ସ୍କୁଟି ବଣ୍ଟନ କରାଯାଇଥିବା ବେଳେ ଅନେକ ଦିନପରେ ନିଜ ଗାଡି ଫେରି ପାଇଥିବାରୁ ସମସ୍ତେ ପୁଲିସର ଏହି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ବ୍ରହ୍ମପୁରର ଅଜୟ କୁମାର ବେହେରା, ବିଜୁ ସେଠୀ, ଆନନ୍ଦ ସାହୁ, କାର୍ତ୍ତିକ ନାହାକ, ପ୍ରସନ୍ନ କୁମାର ସାହୁ, ମହମ୍ମଦ ସଫିଉଦ୍ଦିନ ମଲ୍ଲିକ, ରାଜେଶ କୁଣ୍ଡୁ ଓ ହିଞ୍ଜିଳିକାଟୁର କାଶୀ ଗୌଡ ନିଜ ନିଜର ଚୋରି ଗାଡିକୁ ଗ୍ରହଣ କରିଥିଲେ। ସେହିପରି ଜବତ ହୋଇଥିବା ଆଉ ୨ଟି ଗାଡିର ମାଲିକାନା ସ୍ପଷ୍ଟ ହୋଇପାରି ନଥିବାରୁ ପୁଲିସ ପକ୍ଷରୁ ତାହା ଜାଣିବାକୁ ଉଦ୍ୟମ ଜାରି ରହିଛି।

ସୂଚନା ପ୍ରକାରେ, ବ୍ରହ୍ମପୁର ସହରର ବିଭିନ୍ନ ଇଲାକାରେ ବାଇକ ଓ ସ୍କୁଟି ଚୋରି ପରେ ପୁଲିସ ପକ୍ଷରୁ ୬ଜଣିଆ ଆନ୍ତଃଜିଲ୍ଲା ବାଇକ ଚୋର ଗ୍ୟାଙ୍ଗର ସଦସ୍ୟଙ୍କୁ କାବୁ କରିବା ସହ ସେମାନଙ୍କୁ ଜେରା କରି ବହୁ ଚୋରି ଗାଡି ଉଦ୍ଧାର କରିଥିଲା। ଗ୍ୟାଙ୍ଗର ସଦସ୍ୟ ସୋମନାଥ ନଗର ୫ମ ଲାଇନର ଶିବରାମ ପଣ୍ଡା(୩୨), ବଡଖେମୁଣ୍ଡି ସାହିର ପି. ଆଶିଷ ରାଓ(୩୧), ତୁଳସୀ ନଗର ୭ମ ଲାଇନର ମନୋଜ ପ୍ରଧାନ(୩୫), ଗଜପତି ଜିଲ୍ଲା ଅଡବା ଥାନା ପଦଲପଙ୍କା ଗ୍ରାମର ଜିସାୟୀ ମଲ୍ଲିକ(୨୮), ଶେରଗଡ଼ ଟିକରଡା ଗ୍ରାମର ମିଥୁନ ନାୟକ(୨୨) ଓ ଗାଙ୍ଗପୁର ଥାନା କେସରପଲ୍ଲୀ ଗ୍ରାମର ଅନିଲ କୁମାର ସ୍ୱାଇଁ (୨୭)ଙ୍କୁ ଗିରଫ କରିଥିଲା। ଚୋରି ବାଇକ୍ ଉଦ୍ଧାର ପାଇଁ ଟାଉନ୍ ଥାନା ଅଧିକାରୀ ସୌଭାଗ୍ୟ ସ୍ୱାଇଁଙ୍କ ନେତୃତ୍ୱରେ ଏସ୍‌ଆଇ ବିଭୂତି ଭୂଷଣ ସେଠୀ, ରଞ୍ଜିତ କୁମାର ଦାଶ, ସୁଜାତା କଅଁର, ଟୁକୁନା ସ୍ୱାଇଁଙ୍କ ସମେତ ୧୧ଜଣିଆ ଟିମ ଗଠିତ ହୋଇଥିଲା। ପୁଲିସର ଏହି ସଫଳତାକୁ ନେଇ ମଙ୍ଗଳବାର ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଟିମର ସମସ୍ତ ସଦସ୍ୟଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ରାସ୍ତାକଡ଼ରୁ ଜବର ଦଖଲ ଉଚ୍ଛେଦ



ବୁଗୁଡା,୨୨।୭(ସମିସ): ବୁଗୁଡ଼ା ସହର ମୁଖ୍ୟ ସଡକର ଉଭୟ ପାଶ୍ୱର୍ସ୍ଥ ଡ୍ରେନକୁ ଅତିକ୍ରମ କରି କିଛି ବ୍ୟକ୍ତି ଜବରଦଖଲ କରିଥିବାରୁ ଯାନବାହାନ ପାର୍କିଂ ସାଙ୍ଗକୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଥି ସହ ମୁଖ୍ୟ ସଡକର ଉଭୟ ପାଶ୍ୱର୍ରେ ସମ୍ପ୍ରସାରଣ ଦିଗରେ ମଧ ବାଧକ ସାଜିଥିଲା। ତେବେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ ଅଭିଯାନ ସ୍ଥାନୀୟ ଶକ୍ତିନଗର ପଟରୁ ଆରମ୍ଭ ହୋଇଥିଲା। ରାସ୍ତାର ଉଭୟ ପାଶ୍ୱର୍ରେ ଡ୍ରେନ ଉପରେ ପର୍ଯ୍ୟନ୍ତ ମାଡି ଆସିଥିବା ବେଆଇନ ନିର୍ମାଣକୁ ବୁଲଡୋଜର ଦ୍ୱାରା ଭଙ୍ଗା ଯାଇଥିଲା। ପ୍ରଶାସନିକ ଜବର ଦଖଲ ହଟାଇବା କାର୍ଯ୍ୟ ହାଇସ୍କୁଲ ଛକ ପର୍ଯ୍ୟନ୍ତ ଏକପ୍ରକାର ଚାଲିଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ମୁହଁ ଦେଖା କାରବାର ହେଲା ଭଳି କାର୍ଯ୍ୟ ହେବାର ଅଭିଯୋଗ ହୋଇଛି। ଅନେକ ସ୍ଥାନରେ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ଜବର ଦଖଲରୁ ହଟିଯାଇଥିଲା ବେଳେ କେତେକ ସ୍ଥାନରେ ଲୋକେ ପ୍ରଶାସନକୁ ନାଲିଆଖି ଦେଖାଇ କିମ୍ବା ଆଇନ ପାଠ ପଢାଇ ସୁବିଧା ହାସଲ କରିଥିଲେ। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ଲୋକେ ନାଁକୁ ମାତ୍ର ଜବର ଦଖଲ ଉଚ୍ଛେଦ ଅଭିଯାନ ହେଉଛି ବୋଲି କହୁଥିଲା ବେଳେ ଏହି ଜବରଦଖଲ ଉଚ୍ଛେଦ କିଛି ନୀତି ନିୟମ ଅନୁଯାଇ ହେଉନଥିବା ସାଧାରଣରେ ଚର୍ଚ୍ଚା ହେଉଛି। ମଙ୍ଗଳବାର ଶକ୍ତିନଗରଠାରୁ ମଦନମୋହନ ଛକ ନିକଟ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ହୋଇଥିଲାବେଳେ ବୁଧବାର ପୁଣି ଏହି କାମ ବୁଦ୍ଧଖୋଲ ଛକ ପର୍ଯ୍ୟନ୍ତ ହେବ। ଏହି ଅଭିଯାନ ବେଳେ ସ୍ଥାନୀୟ ତହସିଲ ଓ ପୁଲିସ ପ୍ରଶାସନ ସମେତ ପୂର୍ତ୍ତବିଭାଗ କର୍ମଚାରୀ ସାମିଲ ଥିଲେ।

## ସଂଘବଦ୍ଧ ଆକ୍ରମଣ ଓ ଲୁଟ୍ ମାମଲା; ଜଣେ ଗିରଫ

ବ୍ରହ୍ମପୁର,୨୨।୭(ସମିସ): ବଡ଼ବଜାର ଥାନା ସାର୍ଗୁଣା ସାହି ତ୍ରିନାଥ ମନ୍ଦିର ନିକଟରେ ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ ସହ ଟଙ୍କା ଓ ମୋବାଇଲ ଛଡ଼ାଇ ନେବା ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗୁରୁଭୂର୍ତ୍ତିପେଣ୍ଠ ସାହିର ଉଜ୍ଜଳା ପଣ୍ଡା(୨୬)। ଧୋବାବନ୍ଧ ହୁଡ଼ାର ରବୀନ୍ଦ୍ର ୨୦ ତାରିଖରେ ନିଜ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଉଜ୍ଜଳା ଓ ତାଙ୍କର ୪ ସହଯୋଗୀ ରବୀନ୍ଦ୍ରଙ୍କୁ ଖଣ୍ଡା ଓ କାତିରେ ସଂଘବଦ୍ଧ ଆକ୍ରମଣ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପରିବାର ଲୋକେ ରବୀନ୍ଦ୍ରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରବୀନ୍ଦ୍ରଙ୍କ ପତ୍ନୀ ମାଳତୀ ବଡ଼ବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଆଜି ଅଭିଯୁକ୍ତ ଉଜ୍ଜଳକୁ ଗିରଫ କରାଯାଇଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ କାବୁ କରିବାକୁ ପୁଲିସ ଉଦ୍ୟମ ଜାରି ରଖିଛି।

## ବିଧାନସଭାରେ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି



ଭଞ୍ଜନଗର,୨୨।୭(ସମିସ): ଘୁମୁସର ଉନ୍ନୟନ ମଞ୍ଚର ଓ ଘୁମୁସର ବିକାଶ ପରିଷଦ ଭଞ୍ଜନଗରଙ୍କ ତରଫରୁ ସର୍ବଶ୍ରୀ ପ୍ରାକ୍ତନ ଅଧ୍ୟକ୍ଷ ବାଲ୍ମୀକି ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ, ବାର୍ତ୍ତା ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରବିନାରାୟଣ ସାମନ୍ତ ଓ ବିଶିଷ୍ଟ ସମାଜସେବୀ ମହେଶ ମହାନ୍ତି ବିଧାନ ସଭାର ବାଚସ୍ପତି ସୁରମା ପାଢୀଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତକରି ବିଧାନସଭା ପରିସରରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଏକ ସ୍ମାରକପତ୍ର ଦେଇଛନ୍ତି। ଶ୍ରୀମତି ପାଢ଼ୀ ସହ ହୃଦୟତାର ସହିତ ସଂସ୍କୃତି ବିଭାଗକୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ଓ କହିଛନ୍ତି ଏପରି ଯୋଗଜନ୍ମା ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଲେ ମୁଁ ସବୁଠାରୁ ଖୁସି ହେବି ଓ ନିଜକୁ ଧନ୍ୟମନେ କରିବି।

## ଦୁଇ ଚୋରା ବାଇକ୍ ଜବତ; ଅଭିଯୁକ୍ତ ଗିରଫ



ଦିଗପହଣ୍ଡି,୨୨।୭(ସମିସ): ଦିଗପହଣ୍ଡି ଥାନା ପୁଲିସ ମଙ୍ଗଳବାର ୨ଟି ଚୋରା ବାଇକ୍ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଦିଗପହଣ୍ଡି ସାହାଣୀ ସାହିର ଭିକାରୀ ଦାସଙ୍କ ପୁଅ କେଦାର ଦାସ (୨୨)। ଗତ ଦୁଇଦିନ ପୂର୍ବେ ଦିଗପହଣ୍ଡି ପୁଞ୍ଜିକୟାଁ ଛକ ନିକଟରୁ ପାଟପୁର ଥାନା ନରସିଂହଗଡ ଗ୍ରାମର କୁନା ପ୍ରଧାନଙ୍କ ବାଇକ୍ ଚୋରି ହୋଇଥିବା ନେଇ ଦିଗପହଣ୍ଡି ଥାନାରେ ଏତଲା ହୋଇଥିଲା। ପୁଲିସ ସେଠାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତ କେଦାରକୁ ଡେଙ୍ଗାଓସ୍ତା ଗ୍ରାମରେ ବୁଲୁଥିବା ବେଳେ ସୋମବାର ଗିରଫ କରିବା ସହ ଚୋରି ବାଇକ ଜବତ କରିଥିଲା। ପରେ ପୁଲିସ ଟିମ୍ ତାଙ୍କ ଘରେ ଚଢ଼ଉ କରି ଅନ୍ୟ ଏକ ଚୋରା ବାଇକ୍ ଜବତ କରିଛି। ମଙ୍ଗଳବାର ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

## ଯୁବତୀଙ୍କୁ ପ୍ରତାରଣା; ଅଭିଯୁକ୍ତ ଗିରଫ

ପୁରୁଷୋତ୍ତମପୁର,୨୨।୭(ସମିସ): ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗରେ ଯୁବକଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ହାଣ୍ଡିଘର ଗ୍ରାମର ମନୋଜ କୁମାର ବେହେରା (୩୦)। ମନୋଜ ଗତ ୨ବର୍ଷ ହେଲା ସେହି ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଇବା ସହ ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖି ଆସୁଥିଲା। ତେବେ ଯୁବକ ଜଣଙ୍କର ଅନ୍ୟତ୍ର ବିବାହ ଠିକ ହୋଇଥିବା ଜାଣିବା ପରେ ଯୁବତୀ ଜଣକ ବିବାହ ପାଇଁ କହିଥିଲା। ହେଲେ ମନୋଜ ମନା କରିବାରୁ ଯୁବତୀ ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ। ଉଭୟଙ୍କୁ ଡାକ୍ତରୀ ମାଇନା ପାଇଁ ବ୍ରହ୍ମପୁର ମେଡିକାଲ ପଠାଇଯାଇଥିଲା। ପରେ ଅଭିଯୋଗକୁ ଭିତ୍ତି କରି ଥାନା ଅଧିକାରୀ ରାଜେଶ କୁମାର ନାୟକ ଯୁବକକୁ ଗିରଫ କରିଥିଲେ।

## ୫୨୦ କେଜି ଗଞ୍ଜେଇ ଜବତ; ୨ ଗିରଫ



ସୋରଡ଼ା, ୨୨।୭(ସମିସ): ଆସ୍କା ରେଞ୍ଜ ସୋରଡ଼ା ଅବକାରୀ ଥାନା ଅଧିନ ଧରାକୋଟ ବ୍ଲକ ଜି.ଦାମଦରପଲ୍ଲୀ ଠାରୁ ୧୦ ଚକିଆ ଟ୍ରକରୁ ୫ କୁଇଣ୍ଟାଲ ୨୦ କିଲୋ ଗଞ୍ଜେଇ ଜବତ ଦୁଇ ଗିରଫ। ଗିରଫ ଅଭିଯୁକ୍ତ ହେଲେ ମାଣିକପୁର ଗ୍ରାମର ତପନ ଭୁୟାଁ ଓ ହାଡ଼ିଚିରା ଗ୍ରାମର ଆକୁଳ ବିଷୋୟୀ।

ସୂଚନା ଅନୁସାରେ, ଗୋଟିଏ ୧୦ ଚକିଆ ଟ୍ରକରେ ମୋହନାଠାରୁ ମହାରାଷ୍ଟ୍ରର ନାଗପୁର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ମିଳିଥିଲା। ଗଞ୍ଜାମ ଜିଲ୍ଲା ଅବକାରୀ ଅଧକ୍ଷ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଆସିକା ରେଞ୍ଜ ନିରୀକ୍ଷକ ଡମ୍ବୁରୁଧର ହରିଜନଙ୍କ ନେତୃତ୍ୱରେ ସୋରଡା ଅବକାରୀ ଅଧିକାରୀ ଦେବସ୍ମିତା ନାୟକଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଧରାକୋଟ ବ୍ଲକ ଜି.ଦାମଦରପଲ୍ଲୀ ଠାରେ ଟ୍ରକକୁ ଯାଞ୍ଚ କରିବାବେଳେ ଟ୍ରକର ସିକ୍ରେଟ୍ ଚାମ୍ବରରୁ ୫ କୁଇଣ୍ଟାଲ ୨୦ କିଲୋ ଗଞ୍ଜେଇ ବାହାରିଥିଲା। ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିବା ସହ ସମ୍ପୃକ୍ତ ଗଞ୍ଜେଇ ଭର୍ତ୍ତି ଟ୍ରକକୁ ଜବତ କରିଥିଲା ଅବକାରୀ ପୁଲିସ। ଜବତ ଗଞ୍ଜେଇର ମୂଲ୍ୟ ୫୨ ଲକ୍ଷ ଟଙ୍କା ହେବ ବୋଲି ଗଞ୍ଜାମ ଜିଲ୍ଲା ଅବକାରୀ ଅଧକ୍ଷ ଅମରେନ୍ଦ୍ର ଜେନା କହିଛନ୍ତି। ମଙ୍ଗଳବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଦେଶୀମଦ ସହ କାର୍ ଜବତ; ଜଣେ ଗିରଫ



ଖଲ୍ଲିକୋଟ,୨୨।୭(ସମିସ): ଦେଶୀ ମଦ ଏକ କାର ଯୋଗେ ଚାଲାଣ ହେଉଥିବା ବେଳେ ଖବର ପାଇ ମଙ୍ଗଳବାର ଭୋରରେ ଖଲ୍ଲିକୋଟ ପୁଲିସ ଚଢ଼ଉ କରି ମଦ ସହ କାର୍‌କୁ ଜବତ କରିଥିଲେ। ଏହି ମାମଲାରେ ଜଣଙ୍କୁ ଗିରଫ କରିଛି ପୁଲିସ। ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏସ୍‌ଆଇ ଦେବଦତ୍ତ ପ୍ରିୟଦର୍ଶୀ, ଏସ୍‌ଆଇ କେଶବ ଷଡ଼ଙ୍ଗୀ, କନେଷ୍ଟବଳ ରମାକାନ୍ତ ନାୟକ, ଓଏସିଏଫ୍ ଆଲିଆସ ଶବର ଆଜି ଭୋର ପ୍ରାୟ ୪ଟାରେ ପାଟ୍ରୋଲିଂ କରୁଥିବାବେଳେ ଗୁହାରିଆପାଟ ଅଞ୍ଚଳରୁ ଦେଶୀମଦ ଏକ କାର ଯୋଗେ ଚାଲାଣ ହେଉଥିବା ଖବର ପାଇ ନିର୍ମଳଝର ଛକ ନିକଟରେ ଚଢ଼ଉ କରିଥିଲେ। କାର ଭିତରୁ ୧୦ଟି ଅଖା ବସ୍ତାରେ ଥିବା ୭୨୦ ଲିଟର ଦେଶୀମଦ ସହ କାରକୁ ଜବତ କରିଥିଲେ ଏବଂ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଗିରଫ ଯୁବକ ଜଣଙ୍କ ଆସିକା କୋଟିନଡ଼ା ଅଞ୍ଚଳର ଶମ୍ଭୁ ସାହୁ। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି।

## ଟ୍ରକ୍ ଧକ୍କାରେ ୨ ଛାତ୍ରୀ ଗୁରୁତର

ଛତ୍ରପୁର,୨୨।୭(ସମିସ): ଛତ୍ରପୁର ଉପକଣ୍ଠ ତାମ୍ପରା ସ୍ଥିତ ୧୬ ନମ୍ବର ଜାତୀୟ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିରେ୨ ଜଣ ଛାତ୍ରୀ ଗୁରୁତର ହୋଇଛନ୍ତି। ଉଭୟ ଛାତ୍ରୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପଢୁଥିବାବେଳେ ସେମାନଙ୍କ ଘର କେନ୍ଦୁଝରଜିଲ୍ଲାରେ। ସୂଚନାଅନୁସାରେ ସୁଚିସ୍ମିତା ପହି(୨୧) ଓ ମୋନାଲିସା ସିଂ(୨୧) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିଏଡ୍ ପଢୁଛନ୍ତି। ଉଭୟ ଛାତ୍ରୀ ଏକ ସ୍କୁଟି ଯୋଗେ ତାମ୍ପରା ବୁଲିବାକୁ ଆସିଥିବା ବେଳେ ଏକ ଟ୍ରକ ସହ ଧକ୍କା ହୋଇଥିଲେ। ଗୁରୁତର ଅବସ୍ଥାରେ ଉଭୟ ଛାତ୍ରୀଙ୍କୁ ଗଞ୍ଜାମ ବିଜେଡି ନଗର ସଭାପତି ତଥା ଯୁବନେତା ସୁଧୀର ପାଢ଼ୀଙ୍କ ସମେତ ବହୁ ସ୍ଥାନୀୟବାସିନ୍ଦା ପ୍ରଥମେ ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପଟେ ଛତ୍ରପୁର ମେଡିକାଲରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପହଞ୍ଚି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି।

## ଗୋପାଳପୁର ଏନ୍‌ଏସି ପକ୍ଷରୁ ବସ୍ତି ଉଚ୍ଛେଦ



ବ୍ରହ୍ମପୁର,୨୨।୭(ସମିସ): ଗୋପାଳପୁର ମେ'ଫେୟାର ନିକଟରେ ଦୀର୍ଘବର୍ଷ ଧରି ରହିଥିବା ବସ୍ତିକୁ ମଙ୍ଗଳବାର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଉଚ୍ଛେଦ କରାଯାଇଛି। ସୂଚନା ପ୍ରକାରେ ଦୀର୍ଘବର୍ଷ ଧରି ମେ'ଫେୟାର ନିକଟସ୍ଥ ତଥା ସମୁଦ୍ର କୂଳରେ ବସବାସ କରୁଥିବା ୪୩ଟି ପରିବାର ବସ୍ତିରେ ରହି ଆସୁଥିଲେ। ବାତ୍ୟାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଥଇଥାନ କରିବା ନିମନ୍ତେ ତୋଟା ଆମ୍ବା ମନ୍ଦିର ନିକଟରେ ଆଦର୍ଶ କଲୋନୀ ନିର୍ମାଣ କରାଯାଇଛି। ତେବେ କିଛି ପରିବାର କଲୋନୀକୁ ସ୍ଥାନାନ୍ତର ହୋଇ ସାରିଥିବା ବେଳେ ଅନ୍ୟ କେତେକ ପରିବାର ସ୍ଥାନାନ୍ତର ନହୋଇ ବସ୍ତିରେ ରହିଛନ୍ତି। ଆଦର୍ଶ କଲୋନିରେ ସମସ୍ତ ସୁବିଧା ଥିବା ସତ୍ତ୍ୱେ ଏହି ପରିବାର ଗୁଡିକ ସ୍ଥାନାନ୍ତର ହେଉନଥିବାରୁ ଗତ ଜାନୁଆରୀ ୨୮ ରେ ସେମାନଙ୍କୁ ଉଛେଦ ପାଇଁ ଏନଏସି ପକ୍ଷରୁ ନୋଟିସ ଜାରି ହୋଇଥିଲା। ଏହି କ୍ରମରେ ଗତ ଜୁନ ୧୩ତାରିଖରେ କିଛି ଘର ଉଚ୍ଛେଦ କରାଯାଇଥିବା ବେଳେ ମଙ୍ଗଳବାର କାର୍ଯ୍ୟନିର୍ବାହୀ ଅଧିକରୀ ପ୍ରମୋଦ କୁମାର ପାଢୀଙ୍କ ନିର୍ଦ୍ଦେଶ କ୍ରମେ ଜେସିବି ମାଧମରେ ଅବଶିଷ୍ଟ ୩୦ଟି ଘରକୁ ଭଙ୍ଗା ଯାଇଥିଲା। ବର୍ତ୍ତମାନ ସେଠାରେ ଥିବା ଅବଶିଷ୍ଟ ୫ଟି ଘରେ ରହିଥିବା ପରିବାରକୁ ସପ୍ତାହକ ମଧରେ ଆଦର୍ଶ କଲୋନୀକୁ ସ୍ଥାନାନ୍ତର ହେବାକୁ ପରାମର୍ଶ ଦିଆଯାଇଛି। ବସ୍ତି ଉଚ୍ଛେଦ ବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ପୁରୁଷୋତମ ବେଣିଆ, ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ,ଏଏସ୍‌ଆଇ ଏମ.ଏନ.ସାହୁଙ୍କ ସମେତ ୨ପ୍ଲାଟୁନ ପୁଲିସ ଫୋର୍ସ, ବିଦ୍ୟୁତ ବିଭାଗ, ଏନଏସି କର୍ମଚାରୀ, ଗୋପାଳପୁର ରାଜସ୍ୱ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

**୨ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ**

### ପୋଲସରା ସହରରେ ବିଗୁଡୁଛି ଆଇନଶୃଙ୍ଖଳା

# ପରିବା ବ୍ୟବସାୟୀଙ୍କୁ ହତ୍ୟା କଲେ ଦୁର୍ବୃତ୍ତ

ପୋଲସରା,୨୨।୭(ସମିସ)



ଖଣ୍ଡା ବୁଲାଇ ଲୋକଙ୍କୁ ଭୟଭୀତ କଲେ

ପୋଲସରା ଥାନା ଅନ୍ତର୍ଗତ କଳମ୍ବ ସାହି ଛକରେ ମଙ୍ଗଳବାର ଜଣେ ଯୁବ ବ୍ୟବସାୟୀଙ୍କୁ ଦୁର୍ବୃତ୍ତ ମାନେ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ଗୁଡୁ ପ୍ରଧାନ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, କଳମ୍ବସାହି ଛକରେ ଦୁଇଟି ବାଇକ୍‌ରେ ୬ ଜଣ ମୁଖାପିନ୍ଧା ଯୁବକ ଆସି ଖଣ୍ଡାରେ ସଂଘବଦ୍ଧ ଭାବେ ଗୁଡୁଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଆକ୍ରମଣକାରୀଙ୍କ ହାତରେ ଧାରୁଆ ଅସ୍ତ୍ର ଦେଖି କୌଣସି ଲୋକ ପାଖ ମାଡ଼ିନଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତମାନେ କଳମ୍ବ ସାହି ଛକରେ ଯିବା ଆସିବା କରୁଥିବା ପ୍ରତ୍ୟେକ ଲୋକଙ୍କୁ ଖଣ୍ଡା ବୁଲାଇ ଭୟଭୀତ କରିବା ପରେ ଦୁଇଟି ବାଇକରେ ବସି ରାଣୀପଡ଼ା ଛକ ଦେଇ ଫେରାର ହୋଇଗଲେ। ଗୁଡୁଙ୍କୁ ପ୍ରଥମେ ପୋଲସରା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରୁ ଭୁବନେଶ୍ୱର ସ୍ଥାନାନ୍ତର ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁରଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ ଓ ପୋଲସରା ଥାନା ଅଧିକାରୀ କୌଶିକ ମାଝୀ ପୋଲସରା ମେଡ଼ିକାଲ ଓ କଳମ୍ବ ସାହି ଛକ ସ୍ଥିତ ହତ୍ୟାକାଣ୍ଡ ସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି। କେଉଁ କାରଣକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଏନେଇ ପୋଲସରା ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ପୋଲସରା ସହରରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ପାରିଶ୍ରମିକ ବୃଦ୍ଧି ପାଇଁ ସିଆର୍‌ପିଙ୍କ ଦାବି




ଫୁଲବାଣୀ,୨୨।୭(ସମିସ): ରାଜ୍ୟ ସରକାରଙ୍କର ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସିଆର୍‌ପି.ସିଏମ୍. କର୍ମଚାରୀମାନେ ଦୀର୍ଘବର୍ଷ ଧରି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନା କରି ଆସୁଥିଲେ ମଧ୍ୟ ସେମାନଙ୍କୁ ନିୟମିତ ଦରମା ମିଳୁନାହିଁ। କିଛିଦିନ ତଳେ ୧୦ ମାସର ବକେୟା ଦରମା ମିଳିଥିବା ବେଳେ ଆହୁରି ୪ ମାସର ପାରିଶ୍ରମିକ ବାକି ଅଛି। ତେଣୁ ସଂଘ ତରଫରୁ ଏ ନେଇ ଜିଲ୍ଲାପାଳଙ୍କ ଜରିଆରେ ଶିଶୁ ଓ ମହିଳା ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଦାବିପତ୍ର ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ସିଆର୍‌ପିଙ୍କୁ ମାସିକ ଭତ୍ତା ପ୍ରଦାନ ବଦଳରେ କାର୍ଯ୍ୟ ଅନୁଯାୟୀ ଇନ୍‌ସେନ୍‌ଟିଭ ମାଧ୍ୟମରେ ପାରିଶ୍ରମିକ ପ୍ରଦାନ କରାଯିବାକୁ ମିଶନ ଶକ୍ତି ବିଭାଗ ତରଫରୁ ଚିଠି କରାଯାଇଛି। ଫଳରେ କାର୍ଯ୍ୟରତ ସିଆର୍‌ପିଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖା ଦେଇଛି। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ସିଆର୍‌ପି, ସିଏମ୍. ଆସୋସିଏସନ୍ ତରଫରୁ ଇନ୍‌ସେନ୍‌ଟିଭକୁ ବନ୍ଦ କରାଯାଇ ମାସିକ ବେତନ ୧୦ହଜାର ଟଙ୍କା, ଅନ୍‌ଲାଇନ୍ କାର୍ଯ୍ୟ ପାଇଁ ଟାବ୍‌ଲେଟ୍, ପରିଚୟପତ୍ର ପ୍ରଦାନ ସହ ମାସିକ ବେତନ ଏକାଉଣ୍ଟ ଜରିଆରେ ପ୍ରଦାନ ଏବଂ ସାମାଜିକ ସୁରକ୍ଷା ପାଇଁ ଦାବି କରାଯାଇଛି। ସଙ୍ଘ ସଭାପତି ଗୀତାଞ୍ଜଳୀ କହଁର ଓ ସମ୍ପାଦିକା ସୁସ୍ମିତା ନାୟକଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଆଞ୍ଚଳିକ ବାଳିକା କବାଡ଼ି ପ୍ରତିଯୋଗିତା




ଛତ୍ରପୁର,୨୨।୭(ସମିସ): ଛତ୍ରପୁର ସ୍ଥିତ କାରମେଲ ସିନିୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ସ୍ଥାନୀୟ ଇଣ୍ଡୋର ହଲ ପରିସରରେ ଦୁଇ ଦିନିଆ ଆଞ୍ଚଳିକ ବାଳିକା କବାଡି ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏଥିରେ ବାଲେଶ୍ୱର, ଝାରସୁଗୁଡା, ବଲାଙ୍ଗିର, ବ୍ରହ୍ମପୁର, ରାୟଗଡା ଓ ରାଉରକେଲା ଜୋନର ୧୪, ୧୭ ଓ ୧୯ ବର୍ଷରୁ କମ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

ସ୍କୁଲ ପ୍ରିନ୍ସପାଲ ସିଷ୍ଟର ଡୋରେଟଙ୍କ ଅଧ୍ୟକ୍ଷତାରେ ସିଷ୍ଟର କ୍ରୀଷ୍ଟା ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳରେ ହାରଜିତ ରହିଥାଏ, ତେଣୁ ଖେଳରେ ଅଂଶ ଗ୍ରହଣ କରିବା ସହ ଶୃଙ୍ଖଳା ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ୧୪ ବର୍ଷର କମ୍ ବର୍ଗରେ ଝାରସୁଗୁଡା ଜୋନ ପ୍ରଥମ, ବ୍ରହ୍ମପୁର ଜୋନ ଦ୍ୱିତୀୟ ଓ ରାଉରକେଲା ଜୋନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୧୭ ବର୍ଷର କମ୍ ବର୍ଗରେ ବ୍ରହ୍ମପୁର ଜୋନ ପ୍ରଥମ, ରାଉରକେଲା ଜୋନ ଦ୍ୱିତୀୟ ଓ ଝାରସୁଗୁଡା ଜୋନ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ୧୯ ବର୍ଷର କମ ବର୍ଗରେ ବାଲେଶ୍ୱର ଜୋନ ପ୍ରଥମ, ରାଉରକେଲା ଜୋନ ଦ୍ୱିତୀୟ ଓ ଝାରସୁଗୁଡା ଜୋନ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ସ୍କୁଲର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ରାଜପୁରରେ ମାଗଣା ଚିକିତ୍ସା ଶିବିର




ଛତ୍ରପୁର,୨୨।୭(ସମିସ): ଛତ୍ରପୁର ରୋଟାରୀ କ୍ଲବ ସୌଜନ୍ୟରେ ସ୍ଥାନୀୟ ରାଜପୁର ଗ୍ରାମରେ ମାଗଣା ହୋମିଓ ଚିକିତ୍ସା ଓ ଦନ୍ତ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ବ୍ରହ୍ମପୁରସ୍ଥ ବିଜୁ ପଟ୍ଟନାୟକ ଭେଷଜ ମହାବିଦ୍ୟାଳୟ ତଥା ଚିକିତ୍ସାଳୟର ଡାକ୍ତରୀ ବିଶେଷଜ୍ଞ ଯୋଗଦେଇ ଶିବିରକୁ ସମ୍ପାଦନା କରିଛନ୍ତି। ସର୍ବଶ୍ରୀ ଡ଼ାକ୍ତର ଶ୍ୟାମ ସୁନ୍ଦର ମହାରଣା, ଡ଼ାକ୍ତର ସଂସ୍କୃତି ସାହୁ, ଦନ୍ତ ଚିକିତ୍ସକ, ଡ଼ାକ୍ତର ଜ୍ୟୋତି ପି. ନାଥ, ଡ଼ାକ୍ତର ଚିଦାନନ୍ଦ ପାଣି, ଡ଼ାକ୍ତର ଜ୍ୟୋତିର୍ମୟ ଗୌଡ଼, ଡ଼ାକ୍ତର ସୁଚିତ୍ର, ଅତିଥି ଡ଼ାକ୍ତର ସମରେନ୍ଦ୍ର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରୋଟାରୀ କ୍ଲବ ପ୍ରାକ୍ତନ ସଭାପତି ନିରଞ୍ଜନ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଛତ୍ରପୁର ରୋଟାରୀ କ୍ଲବର ବର୍ତ୍ତମାନର ସଭାପତି ଆଇନଜ୍ଞ ପଦ୍ମଚରଣ ସାହୁ, ସମ୍ପାଦକ ଡମ୍ବରୁଧର ସାହୁ, ଉପ-ସଭାପତି ଡ଼ଃ. ଅଜୟ କୁମାର ତ୍ରିପାଠୀ, ରୋଟାରିଆନ୍ ରେଖା ମହାନ୍ତି ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସମାଜସେବୀ ମନୋଜ କୁମାର ମିଶ୍ର, ରତ୍ନାକର ପଣ୍ଡା, ରାଜପୁର ସରପଞ୍ଚ ରଞ୍ଜନ ପଲେଇ, ସୁଜିତ୍ ପଟ୍ଟନାୟକ, ଗଙ୍ଗାଧର ପଲେଇ, ମଣ୍ଟୁ ଚୌଧୁରୀ ପ୍ରମୁଖଙ୍କ ସହଯୋଗରେ ଶିବିର ପରିଚାଳନା ହୋଇଥିଲା।

### ବରିଷ୍ଠ ଅଧିକାରୀଙ୍କ ସହ ଅତିରିକ୍ତ ଡିଜିଙ୍କ ବୈଠକ

# ‘ଆତ୍ମସମର୍ପଣ କର, ଦାୟିତ୍ୱ ବୁଝିବେ ସରକାର’

ଫୁଲବାଣୀ,୨୨।୭(ସମିସ)



୨୦୨୬ ସୁଦ୍ଧା ଦେଶକୁ ମାଓମୁକ୍ତ କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେଇଛନ୍ତି। ସେ ଅନୁଯାୟୀ ଯୋଜନା ପ୍ରସ୍ତୁତ କରୁଛି ପୁଲିସ ବାହିନୀ। ନିକଟରେ କନ୍ଧମାଳ ଜିଲ୍ଲାରେ ପୁଲିସ ସହ ଏନ୍‌କାଉଣ୍ଟରରେ ଦୁଇ କ୍ୟାଡର ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସୁରକ୍ଷା ବାହିନୀ ଏକାଧିକ ମାଓ କ୍ୟାମ୍ପ ଠାବ କରି ଧ୍ୱଂସ କରିବା ସହିତ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିବାରେ ମଧ୍ୟ ସଫଳ ହୋଇଛି। ଏହି ମାଓ ବିରୋଧୀ ଅଭିଯାନକୁ ଅଧିକ ଶାଣିତ କରିବା ଏବଂ ରାଜ୍ୟକୁ ସମ୍ପୂର୍ଣ୍ଣ ମାଓମୁକ୍ତ କରିବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଅତିରିକ୍ତ ଡିଜି ସଞ୍ଜୀବ ପଣ୍ଡା, ଦକ୍ଷିଣାଞ୍ଚଳ ଆଇଜି, ଚାରି ଜିଲ୍ଲାର ଏସ୍‌ପି, ଏସ୍‌ଡିପିଓ ଏବଂ ସିଆର୍‌ପିଏଫ୍ ଓ ବିଏସ୍‌ଏଫ୍ ଅଧିକାରୀଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। କନ୍ଧମାଳ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ ବର୍ତ୍ତମାନ ଚାଲିଥିବା ମାଓ ବିରୋଧୀ ଅଭିଯାନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହ ଅପରେସନକୁ ଆହୁରି ଜୋରଦାର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ନକ୍ସଲ ମାନଙ୍କୁ ହିଂସା ତ୍ୟାଗ କରି ଆତ୍ମସମର୍ପଣ କରିବାକୁ ପୁଲିସ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସରକାରଙ୍କ ଆକର୍ଷଣୀୟ ଥଇଥାନ ନୀତି ଅନୁଯାୟୀ ଆତ୍ମସମର୍ପଣ କରୁଥିବା ନକ୍ସଲ ମାନଙ୍କ ସମସ୍ତ ଦାୟିତ୍ୱ ପୁଲିସ ବୁଝିବେ ବୋଲି କହିଛନ୍ତି ଅତିରିକ୍ତ ଡିଜି। ଏହି ଅବସରରେ ସମ୍ପୃକ୍ତ ଜିଲ୍ଲା ମାନଙ୍କର ସହିତ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ରାୟଗଡା, ବୌଦ୍ଧ, କଳାହାଣ୍ଡି ଓ କନ୍ଧମାଳକୁ ନେଇ ଫୁଲବାଣୀରେ ଏକ ବଡ଼ ବୈଠକ ହୋଇଥିଲା।

**ମାଓ ଦମନ ପାଇଁ ବ୍ଲୁ-ପ୍ରିଣ୍ଟ**

ବୈଠକରେ ଆଇଜି ଅପରେସନ ଦୀପକ କୁମାର୍, ଯୁଗ୍ମ ନିର୍ଦ୍ଦେଶକ (ଇଣ୍ଟେଲିଜେନସ) ରାଜେଶ ସୁବର୍ଣ୍ଣ, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, ଡିଆଇଜି (ଏସ.ଆଇ.ଡବ୍ଲ୍ୟୁ) ଅଖିଳେଶ୍ୱର ସିଂ, ସିଆର୍‌ପିଏଫ୍ ୧୨୭ ବାଟାଲିୟନ କମାଣ୍ଡାଣ୍ଟ ପଙ୍କଜ ବର୍ମା, ବିଏସ୍‌ଏଫ କମାଣ୍ଡାଣ୍ଟ ଜାଫର ଇସମାଇଲ, କନ୍ଧମାଳ ଏସ୍‌ପି ହରିଶ ବିଶିଙ୍କ ସମେତ ରାୟଗଡା, ବୌଦ୍ଧ ଓ କଳାହାଣ୍ଡି ଜିଲ୍ଲାର ଏସ୍‌ପି, ବିଏସ୍‌ଏଫ୍ ଏବଂ ସିଆରପିଏଫ୍‌ର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

### ସ୍ୱଚ୍ଛ ସର୍ବେକ୍ଷଣ -୨୦୨୪

## ସ୍ଥାନୀୟ ପରିଚାଳନା ସଂସ୍ଥାଙ୍କୁ ସମ୍ବର୍ଦ୍ଧନା



ଛତ୍ରପୁର,୨୨।୭(ସମିସ): ନଗର ଉନ୍ନୟନ ଓ ସହରାଞ୍ଚଳ ବିଭାଗ ତରଫରୁ ଗଞ୍ଜାମ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଜଉଗଡ଼ ସମ୍ମିଳନୀ କକ୍ଷରେ ସ୍ୱଚ୍ଛ ସର୍ବେକ୍ଷଣ -୨୦୨୪ ଉତ୍କର୍ଷ ପ୍ରଦର୍ଶନ କରିଥିବା ରାଷ୍ଟ୍ରପତି ପୁରସ୍କୃତ ସ୍ଥାନୀୟ ସଂସ୍ଥାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ପ୍ରକଳ୍ପ ନିର୍ଦ୍ଦେଶକ ଡୁଡା ଦେବଦତ୍ତ ପଣ୍ଡା ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଗଞ୍ଜାମ ଜିଲ୍ଲା ସ୍ୱଚ୍ଛ ସହରରେ ପରିଣତ ହେବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ମତବ୍ୟକ୍ତ କରିଥିଲେ। ନୂଆଦିଲ୍ଲୀସ୍ଥ ବିଜ୍ଞାନ ଭବନରେ ଜୁଲାଇ୧୭ ରେ ଅନୁଷ୍ଠିତ ଜାତୀୟସ୍ତରୀୟ ସ୍ୱଚ୍ଛତା ପ୍ରତିଯୋଗିତା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪ରେ ଗଞ୍ଜାମ ଜିଲ୍ଲାର ଆସ୍କା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ୱଚ୍ଛ ସହର ଭାବେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ରାଜ୍ୟର ୩୦ଟି ଆବର୍ଜନାମୁକ୍ତ ସହର ମଧ୍ୟରୁ ଗଞ୍ଜାମ ଜିଲ୍ଲାର ୧୫ ଗୋଟି ଆବର୍ଜନା ମୁକ୍ତ ସହର। ସେଗୁଡିକ ହେଲା ହିଞ୍ଜିଳିକାଟୁ, ଗୋପାଳପୁର, ଦିଗପହଣ୍ଡି, ସୋରଡା, ଭଞ୍ଜନଗର, ପୋଲସରା, ଛତ୍ରପୁର, ରମ୍ଭା, ଗଞ୍ଜାମ, କୋଦଳା, ବେଲଗୁଣ୍ଠା, ପୁରୁଷୋତ୍ତମପୁର, ଖଲ୍ଲିକୋଟ। ଉପରୋକ୍ତ ସମସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଦେବୀ କଲ୍ୟାଣ ମହାପାତ୍ର ଓ ସବ୍ୟସାଚୀ ପ୍ରଧାନ ସହଯୋଗ କରିଥିଲେ।

### ● ଆନ୍ଧ୍ର ଓ ଓଡ଼ିଶା ଅବକାରୀ ବିଭାଗର ମିଳିତ ଚଢ଼ଉ

## ବିପୁଳ ପରିମାଣର ମହୁଲ ପୋଚ ନଷ୍ଟ ଓ ଦେଶୀମଦ ଜବତ

ପାରଳାଖେମୁଣ୍ଡି,୨୨।୭(ସମିସ): ଗଜପତି ଜିଲ୍ଲା ଗାରାବନ୍ଧ ଥାନା ଓ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଞ୍ଚଳରେ ଆଜି ଓଡିଶା ଓ ଆନ୍ଧ୍ର ଅବକାରୀ ବିଭାଗ ଏବଂ ପୁଲିସ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ବିପୁଳ ପରିମାଣର ମହୁଲ ପୋଚ ନଷ୍ଟ ସହ ଚୋରା ଦେଶୀ ରନ୍ଧାମଦ ଜବତ କରାଯାଇଛି। ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମାଞ୍ଚଳରେ ୫୨୦୦ ଲିଟର ମହୁଲପୋଚ ସହ ୧୦୦ ଲିଟର ଚୋରା ଦେଶୀ ରନ୍ଧାମଦ, ଗାରାବନ୍ଧ ଥାନା ଅନ୍ତର୍ଗତ କୁୟାରା ଗ୍ରାମାଞ୍ଚଳରେ ୬୩ଶହ ଲିଟର ପୋଚ, ବଡ଼ବୁରୁଝୋଲି ଗ୍ରାମାଞ୍ଚଳରେ ୭୦୦ ଲିଟର ପୋଚ ସହ ୬୦ ଲିଟର ରନ୍ଧା ଦେଶୀମଦ ଏବଂ ସାନ ବୁରୁଝୋଲି ଗ୍ରାମାଞ୍ଚଳରୁ ୫୦୦ ଲିଟର ପୋଚ ଜବତ କରାଯାଇଥିଲା। ଜବତ କରାଯାଇଥିବା ପୋଚ ଓ ରନ୍ଧାମଦକୁ ଘଟଣାସ୍ଥଳରେ ହିଁ ନଷ୍ଟ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ପ୍ରଦାନ ଦିଆଯାଇଛି। ଚଢ଼ଉରେ ଗଜପତି ଜିଲ୍ଲା ଅବକାରୀ ବିଭାଗର ବିଭିନ୍ନ ଅବକାରୀ ଥାନାର ଅଧିକାରୀମାନଙ୍କ ସହ ଗୁରାଣ୍ଡି ଓ ଗାରାବନ୍ଧ ଥାନା ପୁଲିସ ଅଧିକାରୀ, ଆନ୍ଧ୍ର ଅବକାରୀ ବିଭାଗର ସହକାରୀ କମିଶନର ମୂରଲୀ କୁମାରଙ୍କ ସହ ଆନ୍ଧ୍ର ଅବକାରୀ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

### ● ଗଞ୍ଜାମରେ ପ୍ରାଣୀଚିକିତ୍ସା କ୍ଷେତ୍ରରେ ଗୁରୁତର ଅବହେଳା

## ୨୯ଟି ଭେଟେନାରୀ ଟେକ୍ନିସିଆନ ପଦ ଖାଲି

ବ୍ରହ୍ମପୁର,୨୨।୭(ସମିସ): ଗଞ୍ଜାମ ଜିଲ୍ଲାରେ ନିରୀହ ପ୍ରାଣୀଙ୍କ ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଏଲଆଇ ବା (ପଶୁଧନ ନିରୀକ୍ଷକ) ଓ ଭେଟେନାରୀ ଟେକ୍ନିସିଆନଙ୍କ ଘୋର ଅଭାବ ରହିଛି। ଫଳରେ ବହୁ ନିରୀହ ପଶୁପକ୍ଷୀଙ୍କ ଜୀବନ ଅକାଳରେ ଚାଲିଯାଉଛି। ବ୍ରହ୍ମପୁର ସହର ସମେତ ଜିଲ୍ଲାର ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ଏଲଆଇ ସେଣ୍ଟର ବା (ପଶୁଧନ ନିରୀକ୍ଷଣ କେନ୍ଦ୍ର) ଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଫଳରେ ଗୃହପାଳିତ ପଶୁପକ୍ଷୀମାନେ ଉପଯୁକ୍ତ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ଏନେଇ ସେମାନଙ୍କ ମାଲିକମାନେ ବିଭିନ୍ନ ସମୟରେ ଅଭିଯୋଗ କରି ଆସୁଥିଲେ ହେଁ ସମସ୍ୟାର ସମାଧାନ ହୋଇପାରୁନି। ଗଞ୍ଜାମ ଜିଲ୍ଲରେ ବିଭିନ୍ନ ବ୍ଲକରେ ମୋଟ ୨୪୧ଟି ଏଲଆଇ ପଦବୀ ମଧ୍ୟରୁ ୧୫୦ଜଣ କାର୍ଯ୍ୟ କରୁଛନ୍ତି। ଅବଶିଷ୍ଟ ୯୧ଟି ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ସେହିପରି ୭୯ଟି ଭେଟେନାରୀ ଟେକ୍ନିସିଆନ ପଦବୀ ମଧ୍ୟରୁ ଜିଲ୍ଲାର ବିଭିନ୍ନ ବ୍ଲକରେ ୫୦ଜଣ କାର୍ଯ୍ୟ କରୁଥିବା ବେଳେ ୨୯ଟି ପଦବୀ ଖାଲି ପଡିଛି। ଏଥି ସହିତ ମୋଟ ୧୫୨ଟି ଆଟେଣ୍ଡାଣ୍ଟ ପଦବୀ ମଧ୍ୟରୁ ମାତ୍ର ୬୧ଜଣ କାର୍ଯ୍ୟ କରୁଛନ୍ତି। ନିଜ ଅଧିନସ୍ଥ ବିଭିନ୍ନ ଗ୍ରାମ ଓ ସହରରେ ବୁଲି ସେଠାକାର ଅସୁସ୍ଥ ପଶୁପକ୍ଷୀଙ୍କୁ ଚିକିତ୍ସା କରିବା ଏଲଆଇଙ୍କ ଦାୟିତ୍ୱ। ସେହିପରି ଅସୁସ୍ଥ ଗୃହପାଳିତ ପଶୁପକ୍ଷୀଙ୍କ ପରୀକ୍ଷା କରି ରିପୋର୍ଟ ପ୍ରଦାନ କରିବା ଭେଟିନେରୀ ଟେକ୍ନିସିଆନଙ୍କ ଦାୟିତ୍ୱ। ଉକ୍ତ ରିପୋର୍ଟକୁ ଆଧାର କରି ପ୍ରାଣୀଚିକିତ୍ସକମାନେ ଅସୁସ୍ଥ ପଶୁପକ୍ଷୀଙ୍କ ଚିକିତ୍ସା କରିଥାନ୍ତି। ଏହି ସମସ୍ତ କର୍ମଚୀରୀଙ୍କୁ ସହଯୋଗ କରିବା ହେଉଛି ଆଟେଣ୍ଡାଣ୍ଟଙ୍କ କାର୍ଯ୍ୟ। ତେବେ କର୍ମଚାରୀ ବା ମାନବ ସମ୍ବଳର ଅଭାବ ଜନିତ କାରଣରୁ ସମଗ୍ର ଅଞ୍ଚଳ ପରିଦର୍ଶନ କରି ପଶୁପକ୍ଷୀଙ୍କ ଚିକିତ୍ସା କରିବା ସମ୍ଭବପର ହେଉନାହିଁ।

**ନାହାନ୍ତି ୯୧ଟି ଲେଖାଏଁ ଏଲ୍‌ଆଇ ଓ ଆଟେଣ୍ଡାଣ୍ଟ**

ଏଭଳି ପରିସ୍ଥିତି ଯୋଗୁଁ ଗୃହପାଳିତ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଉପୁଜିଲେ ଲୋକଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଦିର୍ଘବର୍ଷ ଏଭଳି ସମସ୍ୟା ଲାଗି ରହିଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ନେଇ କେହି ଉଦ୍ୟମ କରୁନଥିବା ଚିନ୍ତାର ବିଷୟ ହୋଇଛି। ଏଥିପ୍ରତି ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଓ ଜିଲ୍ଲାର ପ୍ରଶାସନ ଦୃଷ୍ଟି ଦେବାକୁ ପଶୁପ୍ରେମୀମାନେ ଦାବି କରିଛନ୍ତି।

## ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ



ଶେରଗଡ଼,୨୨।୭(ସମିସ): ଶେରଗଡ ବିଡିଓ ରୂପେ ତୃପ୍ତିମୟୀ ଜେନା ମଙ୍ଗଳବାର ଦାୟିତ୍ୱଗ୍ରହଣ କରିଛନ୍ତି। ସେ ପୂର୍ବରୁ ବୌଦ୍ଧ ଜିଲ୍ଲାର ଡେପୁଟି କଲେକ୍ଟର ରୂପେ କାର୍ଯ୍ୟରତ ଥିଲେ।

ପଞ୍ଚାୟତ ସମିତିର ବରିଷ୍ଠ ପଦାଧିକାରୀ ଏଇଇ ରଶ୍ମିତା ଶବର, ଏବିଡିଓ ସୁଧାଂଶୁ ଶେଖର ତରାଇ, ଜିପିଓ ଜି.ରବିକୁମାର, କନିଷ୍ଠ ଯନ୍ତ୍ରୀ ପବିତ୍ର ମୋହନ ପଟ୍ଟନାୟକ, ମୋହନ ରାଓ ସୁବୁଦ୍ଧି, ସୁକାନ୍ତ କୁମାର ଖଟେଇ, ସସ୍ମିତା ଦେବୀ, ଗ୍ରାମସେବକ ପ୍ରଦ୍ୟୁମ୍ନ କୁମାର ଦାସ, ଶଙ୍କର ସାବତ, ବିନାୟକ ତ୍ରିପାଠୀ, ସୁଶାନ୍ତ ଗୌଡଙ୍କ ସମେତ ବ୍ଲକର କର୍ମଚାରୀ ମାନେ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। ଶେରଗଡ ବ୍ଲକର ପୂର୍ବତନ ବିଡ଼ିଓ ଶିବାଶିଷ ବରାଳ ଛତ୍ରପୁର ସବକଲେକ୍ଟର ରୂପେ ବଦଳି ହୋଇଥିଲେ। ସେହିପରି ଶେରଗଡ଼ ମିଡ଼ିଆ ହାଉସ ପକ୍ଷରୁ ନୂତନ ବିଡିଓଙ୍କୁ ସ୍ୱାଗତ କରାଯାଇଛି। ଏଥିରେ ସଂଘ ସଭାପତି ମେଘନାଦ ଦାସ, ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ମୋହନ ପଣ୍ଡାଙ୍କ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ବିଡିଓଙ୍କୁ ସାକ୍ଷାତ କରିବା ବ୍ଲକର ଉନ୍ନୟନମୂଳକ କାର୍ଯ୍ୟକୁ ଜାରି ରଖିବା ସହ ଲୋକଙ୍କ ସମସ୍ୟାକୁ ସମାଧାନ କରିବାକୁ ପ୍ରକାଶ କରିଥିଲେ। ଏହି ଅବସରରେ ଯୁବନେତା ବାସୁଦେବ ସ୍ୱାଇଁଙ୍କ ସହ ସମସ୍ତ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ।

## ନୂତନ ରେଞ୍ଜରଙ୍କ ଦାୟିତ୍ୱ ଗ୍ରହଣ



ରମ୍ଭା,୨୧।୭(ସମିସ): ଦୀର୍ଘଦିନ ଧରି ରମ୍ଭା ବନାଞ୍ଚଳ କାର୍ଯ୍ୟାଳୟରେ ଅତିରିକ୍ତ ଦାୟିତ୍ୱ ନେଇ ରଶ୍ମିତା ଜେନା କାର୍ଯ୍ୟ ତୁଲାଉ ଥିଲେ। ଏବେ ନୂତନ ରେଞ୍ଜର ଭାବେ ବବୁଲ ମଲ୍ଲିକ ଯୋଗ ଦେଇଛନ୍ତି। ସେ ଗଣମାଧ୍ୟମଙ୍କୁ ନିଜ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଉପୋରକ୍ତ ଅଞ୍ଚଳ ବାସିନ୍ଦା ପଜିଟିଭ, ସହଯୋଗୀ, ନିର୍ବିବାଦ୍ୟ ବୋଲି ଜଣାଇଛନ୍ତି।

## ‘ମେରା ଯୁବା ଭାରତ’ ପକ୍ଷରୁ ଜାତୀୟ ପତାକା ଦିବସ

ପୁରୁଷୋତ୍ତମପୁର,୨୨।୭(ସମିସ): ମେରା ଯୁବା ଭାରତର ଗଞ୍ଜାମ ଜିଲ୍ଲାର ଶାଖା ତରଫରୁ ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ୭ ନଂ ୱାର୍ଡର ମା’ତାରାତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଜାତୀୟ ପ୍ରତକା ଦିବସ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟ ଶ୍ରୀରାମ ଯୁବ ସଂଘ ସଭାପତି କେ ରମେଶ ଦୋରା ମଞ୍ଚ ପରିଚାଳନା କରିଥିଲେ। ଅତିଥି ରୂପେ, ଡଃ କୃଷ୍ଣ ଚନ୍ଦ୍ର ନାୟକ, ଟୁକୁନା ବେହେରା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମଞ୍ଚାସୀନ ହୋଇଥିଲେ। ଅତିଥିମାନେ ଜାତୀୟ ପ୍ରତକାର ଓ ତିନୋଟି ରଙ୍ଗର ମହତ୍ୱ ବିଷୟରେ ଅଭିଭାଷଣ ରଖିଥିଲେ ଏବଂ ଶେଷରେ ଯୁବ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏଥିରେ ଶ୍ୟାମସୁନ୍ଦର ଦୋରା, ବିଚିତ୍ର ନାୟକ, ପ୍ରହ୍ଲାଦ ବେହେରା, ଦେବରାଜ ବେହେରା , ନାଗେଶ୍ୱର ଦୋରା, ଗଣେଶ ପଣ୍ଡା, ଅଭିରାମ ସ୍ୱାଇଁ, ଗିରିଜା ଶଙ୍କର ମହାପାତ୍ର, ଦିନେଶ ନାୟକ, ଆକାଶ ନାୟକ, ଗଜାନନ ଗୌଡ଼, ବୁଲୁ ପ୍ରଧାନ, ନିରଖୀ ପ୍ରଧାନ ଅନେକ ଯୁବ ଗୋଷ୍ଠୀ ଉପସ୍ଥିତ ଥିଲେ।

### ଦଣ୍ଡନାଚ ମହାସଂଘର ବ୍ଲକସ୍ତରୀୟ ବୈଠକ

# ସାମାଜିକ ନାଟକ ପରିବେଷଣ ବନ୍ଦ ନିଷ୍ପତ୍ତି



ଭଞ୍ଜନଗର,୨୨।୭(ସମିସ): ଗଞ୍ଜାମ ଜିଲ୍ଲା ଦଣ୍ଡନାଚ ମହାସଂଘ ପକ୍ଷରୁ ଭଞ୍ଜନଗର ବ୍ଲକସ୍ତରୀୟ ବୈଠକ ନିକଟସ୍ଥ ଜିଲୁଣ୍ଡି କାଳୀମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଞ୍ଜନଗର ବ୍ଲକର ସମସ୍ତ ଦଣ୍ଡନାଚ ଦଳର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିବାବେଳେ ଜିଲ୍ଲା ସଂଘର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଆସନ୍ତା ୨୦୨୬ରେ ଜିଲ୍ଲାରେ ପାରମ୍ପରିକ ଦଣ୍ଡଯାତ୍ରାରେ ସାମାଜିକ ନାଟକ ମଞ୍ଚସ୍ଥ ନକରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହା ବଦଳରେ ଦଣ୍ଡଯାତ୍ରାରେ ପାରମ୍ପାରିକ ଦଣ୍ଡ ଚରିତ, ଚଢେୟା-ଚଢେୟାଣୀ, କେଳା-କେଲୁଣୀ ପରିବେଷିତ ହେବ। ଆବଶ୍ୟକସ୍ଥଳେ ପୌରାଣିକ ନାଟକ କିମ୍ବା କାଳ୍ପନିକ ନାଟକ ପରିବେଷଣ ନାରୀ ଅଭିନେତ୍ରୀ ବିନା କରାଯାଇପାରିବ। ଫଳରେ ଦଣ୍ଡନାଚ ବେଳେ ଗାଁ ଗହଳିରେ ସୃଷ୍ଟି ହେଉଥିବା ଗଣ୍ଡଗୋଳ ରୋକାଯିବା ସହ ଦଣ୍ଡଯାତ୍ରା ଦଳ ଆର୍ଥିକ ଶୋଷଣରୁ ମୁକ୍ତି ପାଇବେ ବୋଲି ବୈଠକରେ ଉପସ୍ଥିତ ଅଧିକାଂଶ ଦଣ୍ଡନାଚ ଦଳ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଦଣ୍ଡନାଚ ଜିଲ୍ଲା ମହାସଂଘ ସଭାପତି ଶିବରାମ ପ୍ରଧାନ, ସମ୍ପାଦକ ଶରତ ଚନ୍ଦ୍ର ସାହୁ, ସହ ସମ୍ପାଦକ ତ୍ରିପତି ମହାରଣା, ଜୋନ୍ ସଂଯୋଜକ ଅଖିଳ ପଟ୍ଟନାୟକ, ଭଞ୍ଜନଗର ବ୍ଲକ ସଂଯୋଜକ ସାଧୁଚରଣ ସ୍ୱାଇଁ, ଜିଲୁଣ୍ଡି ଗ୍ରାମସଭା ସଭାପତି ଗୋକୁଳାନନ୍ଦ ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ଲୋକନାଥ କର, ସମ୍ପାଦକ ଗଣେଷ ଆଚାରୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଗ୍ରାମ ଉପସଭାପତି ଜିତେନ୍ଦ୍ର କୁମାର ପ୍ରଧାନ ସଂଯୋଜନା କରିଥିବାବେଳେ ଶେଷରେ ହେମନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନାଗେଶ୍ୱର ପାତ୍ର, ଶଙ୍କର ପ୍ରଧାନ, ରାଜେନ୍ଦ୍ର କୁମାର ପ୍ରଧାନ ସହଯୋଗ କରିଥିଲେ।

## ବିଜ୍ଞାନ କଲେଜରେ ଜାତୀୟ ପାଠଚକ୍ର




ଛତ୍ରପୁର,୨୨।୭(ସମିସ): ସ୍ଥାନୀୟ ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଏ.ପି.ଜେ. ଅବଦୁଲ୍ କଲାମ୍ କନ୍‌ଫରେନ୍ସ ହଲ୍‌ରେ “ଅନ୍ତର୍ନଳୀ ଜୀବାଣୁ ଓ ମାନସିକ ସ୍ୱାସ୍ଥ୍ୟ’ ପ୍ରସଙ୍ଗ ନେଇ ଦିନିକିଆ ଜାତୀୟ ପାଠଚକ୍ର ଆୟୋଜିତ ହୋଇଯାଇଛି। ଏହି ପାଠଚକ୍ରରେ ବିଷୟ ବିଶେଷଜ୍ଞ ଭାବରେ ଏମ୍‌କେସିଜି ମେଡିକାଲ କଲେଜ୍‌ର ମନସ୍ତତ୍ତ୍ୱବିତ୍ ଡା. ସ୍ୱାତି ମିଶ୍ର ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ହିମାଚଳ ପ୍ରଦେଶର ଡା. ମନୋରମା ପତ୍ରୀ ଯୋଗଦେଇ ନିଜର ଅନୁସନ୍ଧାନ ଓ ଅନୁଭବ ଆଧାରରେ ବିଶେଷ ଆଲୋଚନା କରିଥିଲେ। ମନସ୍ତତ୍ତ୍ୱବିତ୍ ଡା. ମିଶ୍ର ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଚାପମୁକ୍ତ ରହିବା ପାଇଁ ପରାମର୍ଶ ଦେଇଥିଲେ। ଡ. ପତ୍ରୀ ଅନ୍ତର୍ନାଳୀ ଜୀବାଣୁ ଓ ମାନସିକ ସ୍ୱାସ୍ଥ୍ୟ ମଧ୍ୟରେ ଥିବା ସମ୍ବନ୍ଧ ଆଲୋଚନା କରିବା ସହିତ ବର୍ତ୍ତମାନ ସମୟରେ ଏ ବିଷୟରେ ହେଉଥିବା ଗବେଷଣା ଉପରେ ଚର୍ଚ୍ଚା କରିଥିଲେ। ଏତଦ୍ ବ୍ୟତୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ଗବେଷଣା ଦିଗରେ କିପରି ନିଜକୁ ନିୟୋଜିତ କରିପାରିବେ ସେ ବିଷୟରେ ବୁଝାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ଅଜୟ କୁମାର ତ୍ରିପାଠୀ ମାନସିକ ସ୍ୱାସ୍ଥ୍ୟ କିପରି ଜୀବନ ଧାରଣ ପ୍ରଣାଳୀକୁ ପ୍ରଭାବିତ କରିଥାଏ ଆଲୋଚନା କରିଥିଲେ। ଜୀବ ବିଜ୍ଞାନ ବିଭାଗର ଭାରପ୍ରାପ୍ତ ବିଭାଗ ମୁଖ୍ୟ ଡ. ଡାଏନା ପ୍ରଧାନ ଅତିଥି ସ୍ୱାଗତ କରିଥିବା ବେଳେ ଆଇକ୍ୟୁଏସି ସଂଯୋଜିକା ଡ଼. ଶୁଚିସ୍ମିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଠଚକ୍ର ଶେଷରେ ଅଧ୍ୟାପକ ଡ. କାମେଶ୍ୱର ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପାଠଚକ୍ର ମହାବିଦ୍ୟାଳୟର ଆଇକ୍ୟୁଏସି ସେଲ ଓ ଜୀବ ବିଜ୍ଞାନ ବିଭାଗର ମିଳିତ ସହଯୋଗରେ ଆୟୋଚିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

